ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର ୪ ନଭେମ୍ବର, ୨୦୨୨

## ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜି.ଉଦୟଗିରି, ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦମାର ସହଜ ସମାଧାନ ନିମନ୍ତେ ଚଳିତ ମାସ ୧୨ ତାରିଖରେ ଜି.ଉଦୟଗିରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଫୌଜଦାରି ମାମଲା, ଚେକ୍ ବାଉନ୍ସ,ବ୍ୟାଙ୍କ ଋଣ,ବୈବାହିକ, ଦେୱାନୀ ଓ ରାଜସ୍ୱ ଆଦି ମାମଲାଗୁଡ଼ିକ ବିଭାଗୀୟ ଅଦାଲତରେ ଆଗତ କରାଯିବ। ଜନସାଧାରଣ ଯଦି ଏହିପରି ମାମଲାରେ ଥିବେ, ଆଉ ଆପୋସ ସମାଧାନ ମାଧ୍ୟମରେ ଲୋକ ଅଦାଲତରେ ସମାଧାନ କରିବାକୁ ଚାହୁଁଛନ୍ତି,ସେମାନେ ଆଗୁଆ ଅଦାଲତର ଦ୍ୱାରସ୍ଥ ହୋଇ ଏହାର ଫଇସଲା କରିପାରିବେ ବୋଲି ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା ପ୍ରକାଶ କରିଛନ୍ତି।



**ସଂକ୍ଷେପରେ**

### ବଜାର ଉପରେ ଅଳିଆଗଦା, ମହୁଲ ପୋଚ



ଦାରିଙ୍ଗବାଡି,୩।୧୧(ଡି.ଏନ.ଏ)-ଦାରିଙ୍ଗବାଡି ବ୍ଲକ ସିମନବାଡି ବଜାର ଉପରେ ଦିନକୁ ଦିନ ଅଳିଆ ଆବର୍ଜନା ବୃଦ୍ଧି ପାଉଛି। ରାଶନ ଦୋକାନ, ଜଳଖିଆ, ଚା ଓ ବିଭିନ୍ନ ପ୍ରକାର ଦୋକାନରୁ ବାହାରୁଥିବା ପଲିଥିନ, ଅଇଁଠା ଖଲିପତ୍ର ଆଦି ବଜାର ନିକଟରେ ଥିବା ଜନଜାତି ହାଟ ପାଖରେ ପଡୁଛି। ସେହିପରି ବଜାର ନିକଟରେ ଚୋରା ମଦକାରବାର ଚଳାଇଥିବା ମଦ ବ୍ୟବସାୟୀ ମାନେ ମହୁଲ ପୋଚ ଓ ଅନ୍ୟାନ୍ୟ ସାମଗ୍ରୀ ପକାଉଛନ୍ତି। ଏହାଫଳରେ ଅଞ୍ଚଳରେ ପୁତି ଗନ୍ଧରେ ନାକ ଫାଟିପଡୁଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ସେହିପରି ସିମନବାଡି ଠାରୁ ରାଇକିଆ ରାସ୍ତାର ସାହୁ ନଗରର ତଳିଆ ଅଞ୍ଚଳରୁ ଆରମ୍ଭ କରି ପୋଖରୀ ପର୍ଯ୍ୟନ୍ତ କୁଢ଼ କୁଢ଼ ଅଳିଆ ଓ ପଲିଥିନ ପଡି ଧାନ ଚାଷ ପ୍ରଭାବିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

### ମଧ୍ୟାହ୍ନଭୋଜନରେ ନିମ୍ନମାନର ଖାଦ୍ୟ

ଆର.ଉଦୟଗିରି,୩।୧୧(ଡି.ଏନ.ଏ.): ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ଦିଆଯିବାରୁ ପିଲା ତଳେ ଫୋପାଡୁଛନ୍ତି। ଏମିତି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଧାଡ଼ିଆମ୍ବ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ। ଶନିବାର ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ଭାତ, ଡାଲମା, ଅଣ୍ଡା ରହିଥିଲା। ହେଲେ ପିଲାଙ୍କୁ ଦିଆଯାଇଥିବା ଡାଲମାରେ ଅମୃତଭଣ୍ଡା ଶିଝି ନ ଥିବାରୁ ଫୋପାଡି ଦେଉଥିଲେ। ପିଲାଙ୍କୁ ପଚାରିବାରୁ ଅମୃତଭଣ୍ଡା ଶିଝିନି, ପାଟିକୁ ପିତା ଲାଗୁଛି, ତେଣୁ ନ ଖାଇ ଫିଙ୍ଗିଥିଲେ। ଏହି ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ରୋଷେଇ ବିଳମ୍ବରୁ ଅମୃତ ଭଣ୍ଡା ଶିଝି ନ ଥିବା କହିଛନ୍ତି।

### ବିପୁଳ ପରିମାଣର ଗୁଟ୍‌ଖା ଜବତ, ୨ କୋର୍ଟଚାଲାଣ

ଗୋପାଳପୁର,୩।୧୧(ଡି.ଏନ.ଏ.)- ବ୍ରହ୍ମପୁର ଗୋଳନ୍ଥରା ଥାନା ପୋଲିସ ବୁଧବାର ମଧରାତ୍ରିରେ ସୋରଳ ଗ୍ରାମସ୍ଥିତ ଓଡିଆରପି କଲୋନୀରେ ଚାଲିଥିବା ଏକ ନକଲି ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳର ଶ୍ରୀକାନ୍ତ ଦାଶ(୨୯) ଓ ସୋରଳ ଗ୍ରାମ ସନ୍ତୋଷ ମହାରଣା (୩୫)। ଉକ୍ତ ନକଲି ଗୁଟ୍‌ଖା କାରଖାନାରୁ ୨୭ ପ୍ୟାକେଟ୍ ଗୋକୁଳ, ଡିଲକ୍ସ ମିକ୍ସ ଓ ଗୁଟ୍‌ଖା, ୩୦୦ କେଜି କଞ୍ଚାମାଲ, ଏସେନ୍ସ ୫୦୦ ଏମ୍‌ଏଲ, ଗୋଟିଏ ଓଜନ ମେଶିନ ଜବତ କରାଯାଇଛି।

ସୂଚନାନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ ସୁରଳ ଗ୍ରାମ ଓଡିଆରପି କଲୋନୀରେ ଗତ ୩ମାସ ହେଲା ଉକ୍ତ କାରଖାନା ଚାଲୁ ରହିଥିଲା। ବୁଧବାର ରାତିରେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଅତର୍କିତ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ବ୍ରହ୍ମପୁର ଅଞ୍ଚଳର ଶ୍ରୀକାନ୍ତ ଓ ସୁରଳ ଗ୍ରାମର ସନ୍ତୋଷଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ଏନେଇ ନଂ ୪୦୩/୨୨ରେ ମାମଲା ରୁଜୁ କରି ଶ୍ରୀକାନ୍ତ ଓ ସନ୍ତୋଷଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ଉପାଧ୍ୟକ୍ଷାଙ୍କ ପଞ୍ଚାୟତରେ ପିଇବା ପାଣି ସମସ୍ୟା

## ବିକଳ୍ପ ବ୍ୟବସ୍ଥା ନାହିଁ କହିଲେ ଯନ୍ତ୍ରୀ

ଭଞ୍ଜନଗର,୩।୧୧(ଡି.ଏନ୍.ଏ.)

ବେଲଗୁଣ୍ଠା ପଞ୍ଚାୟତ ସମିତି ବୈଠକ ଗୁରୁବାର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ରୋଶନ କୁମାର ଶତପଥୀ ପ୍ରାରମ୍ଭି ସୁଚନା ପ୍ରଦାନ କରିଥିଲେ । ସୋରଡ଼ା ବିଧାୟକ ପୁର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ସହକାରୀ ତହସିଲଦାର ଧରଣୀଧର ବେହେରା, ଏବିଡ଼ିଓ ପୁର୍ଣ୍ଣଚନ୍ଦ୍ର ପାଢ଼ୀ, ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରମୁଖ ଆଲୋଚନାରେ ଭାଗନେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ କହିଥିଲେ । ଉପାଧ୍ୟକ୍ଷା ପ୍ରଧାନ ନିଜ ପଞ୍ଚାୟତ ଆମ୍ବପୁଆର ବଜ୍ରଗଡ଼ ଓ ପଥରା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇବା ପାଇଁ ଅନେକ ସମସ୍ୟାର ସମ୍ମୁଖିନ ହେଉଥିବା କହିଥିଲେ। ଏଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। କିନ୍ତୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ବର୍ତ୍ତମାନ ପାନୀୟ ସମସ୍ୟାକୁ ସୁଧାରିବା ପାଇଁ କୌଣସି ବିକଳ୍ପ ବାଟ ନାହିଁ ବୋଲି କହିଥିଲେ । ୨୦୨୪ ସୁଦ୍ଧା ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଣି ସମସ୍ୟା ରହିବନି । ପାନୀୟ ଜଳ ସମସ୍ୟା ସୁଧାରିବା ପାଇଁ କିଛି ଲୋକ ପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା ଦିଗହରା ହୋଇଛି। ଗୋବରା ପଞ୍ଚାୟତର ୪୭ ପରିବାରକୁ ୭ମାସ ହେବ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ମିଳିନାହିଁ ବୋଲି ସମିତିସଭ୍ୟ ବିଭୂପାଦ ଜେନା ଅଭିଯୋଗ କରିଥିଲେ । ବିଡ଼ିଓ ଆଲୋଚନାରେ ଭାଗନେଇ ବିକଳ୍ପ ବ୍ୟବସ୍ଥା କରି ଲୋକଙ୍କୁ ତୁରନ୍ତ ସହାୟତା ଦେବାପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତି ବିଭାଗରେ କର୍ମଚାରୀ ଅଭାବ ଯୋଗୁ ଯୋଜନାକୁ ସଫଳ ରୂପାୟନ କରିବାରେ ବାଧା ଦେଖାଦେଇଛି । ବିଭିନ୍ନ କାରଣ ଯୋଗୁ ବ୍ଲକର ଅଧାରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇପାରୁନାହିଁ । ତେଣୁ ଅନ୍ୟ ବ୍ଲକ ଅପେକ୍ଷା ବେଲଗୁଣ୍ଠା ବ୍ଲକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ପଛୁଆ ପଡ଼ିଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମଧ୍ୟ ମନ୍ଥର ଗତିରେ ଚାଲିଛି। ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ରାସନ କାର୍ଡ଼ ଅନେକ ଲୋକଙ୍କୁ ମିଳିନାହିଁ । ଏଭଳି ଅନେକ ସମସ୍ୟା ଲୋକ ପ୍ରତିନିଧିମାନେ ଉଠାଇଥିଲେ। ବୈଠକକୁ ବାହାର ଲୋକ ଅବାଧରେ ଆସି ବସିଥିବାରୁ ଜଣେ ବରିଷ୍ଠ ଅଧିକାରୀ ସେମାନଙ୍କୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ କ୍ଷତ୍ରିୟବରପୁର ସମିତିସଭ୍ୟ କୁଞ୍ଜ ବିହାରୀ ନାୟକ, ବଡ଼ପଡ଼ା ସରପଚଂ ପିତବାସ ସାହୁ, ଜିଲା ପରିଷଦ ସଭ୍ୟ ସୁଧୀର ଜେନା, ବିଦ୍ୟାଧର ବିଷୋୟୀ ପ୍ରମୁଖ ଭାଗ ନେଇଥିଲେ । ବୈଠକ ପରେ ବ୍ଲକ ଅଧ୍ୟକ୍ଷ କହିଛନ୍ତି, ବ୍ଲକକୁ ରାଜ୍ୟରେ ଏକ ଅଗ୍ରଣୀ ବ୍ଲକ ଭାବେ ଗଢ଼ି ତୋଳିବା ପାଇଁ ପ୍ରୟାସ ଚାଲିଛି । ବ୍ଲକରେ ସ୍ୱଚ୍ଛ ଶାସନ ଚାଲିଛି ।



ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଉଦ୍‌ବୋଧନ ଦେଉଛନ୍ତି ।

## ସଲପଡଇଲାରେ ହାତୀ ଆତଙ୍କ

ଭଞ୍ଜନଗର,୩।୧୧(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଟାରସିଂ, ଜଗନ୍ନାଥପ୍ରସାଦ ଓ ଗାଲେରି ରେଞ୍ଜର କେତେକ ଅଞ୍ଚଳରେ ପ୍ରାୟ ଏକ ମାସ ହେବ ହାତୀ ଆତଙ୍କ ଲାଗିରହିଛି। ହାତୀପଲ ସକାଳେ ଓ ସନ୍ଧ୍ୟାରେ ଚାଷୀଙ୍କ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । କେତକ ସ୍ଥାନରେ ଲୋକଙ୍କ ଘର ଓ ପାଚେରୀ ଭାଙ୍ଗି ଦେଉଛନ୍ତି। ହାତୀ କରିଡ଼ର କ୍ଷତିଗ୍ରସ୍ତ ଯୋଗୁ ହାତୀ ଜଙ୍ଗଲରୁ ବାହାରି ଉପଦ୍ରବ ଚଳାଉଛନ୍ତି। ବୁଧବାର ରାତିରେ ହାତୀପଲ ଟାରସିଂ ରେଞ୍ଜର ସଲପଡଇଲାରେ ଧାନ ଫସଲ ନଷ୍ଟ କରିଛନ୍ତି। ଚାଷୀ ଓ ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ଟାରସିଂ ଥାନା ପାଚେରୀକୁ ହାତୀପଲ ଭାଙ୍ଗି ସପୁରି ବଗିଚାକୁ ନଷ୍ଟ କରିଦେଇଛନ୍ତି । ଏଭଳି ସ୍ଥିତିରେ ଟାରସିଂ ରେଞ୍ଜର ବିଭିନ୍ନ କାରଣ ଦର୍ଶାଇ ଅନ୍ୟତ୍ର ବଦଳି ହୋଇଯିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତେଣୁ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି ।

# ଜାତୀୟ ଶକ୍ତି ଉତ୍ତୋଳନରେ ହୋମଗାର୍ଡଙ୍କ ସଫଳତା

## ଶୁଭେଚ୍ଛା ଜଣାଇଲେ ଗଞ୍ଜାମ ଏସ୍‌ପି

ଛତ୍ରପୁର,୩।୧୧(ଡି.ଏନ୍.ଏ.)

ମହାରାଷ୍ଟ୍ରରେ ଆୟୋଜିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଶେରଗଡ ବାସିନ୍ଦା ତଥା ହୋମଗାର୍ଡ ଦେବାଶିଷ ମହାନ୍ତି ୭୪ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଦେବାଶିଷଙ୍କ ସହ ଦେଶର ମୋଟ ୧୩ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦେବାଶିଷ ମହାନ୍ତି ମୋଟ ୬୪୫ କେଜି ଭାର ଉଠାଇ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଗୁରୁବାର ସେ ଗଞ୍ଜାମ ଏସପି ବ୍ରିଜେସ କୁମାର ରଏଙ୍କୁ ଭେଟିଥିବା ବେଳେ ଏସପି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଦେବାଶିଷ ସ୍କୱାଟରେ ୨୪୭.୫ କେଜି, ବେଞ୍ଚ ପ୍ରେସରେ ୧୪୦ କେଜି ଏବଂ ଡେଡ ଲିଫ୍ଟରେ ୨୫୭.୫ କେଜି ଭାର ଉଠାଇଛନ୍ତି । ତାଙ୍କର ଏହି ସଫଳତାକୁ ନେଇ ଜିଲାର ସମସ୍ତ ପୋଲିସ ଓ ହୋମଗାର୍ଡ ଖୁସି ବ୍ୟକ୍ତ କରିବା ସହ ଆଗକୁ ବଢିବା ଲାଗି ଉତ୍ସାହିତ କରିଛନ୍ତି । ଅନ୍ୟପକ୍ଷରେ ପ୍ରଶିକ୍ଷକ ଓଡିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ଏବଂ ପୋଲିସ ବିଭାଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତିଙ୍କୁ ଦେବାଷିଶ ସଫଳତାର ଶ୍ରେୟ ଦେଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ କିମ୍ବା ପ୍ରଯୋଜକ ମିଳିଲେ ଆଗାମୀ ଦିନରେ ନୂତନ କିର୍ତିମାନ ସ୍ଥାପନ କରିପାରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଗାମୀ ଦିନରେ ଏସିଆ ଓ ଅନ୍ତର୍ଜାତୀୟ ସ୍ତରରେ ସେ ଏଭଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିବାର ଆଶା ରଖିଛନ୍ତି । ଗତ ସେପ୍ଟେମ୍ବର ୨୫ରେ ଦେବାଶିଷ ଭୁବନେଶ୍ୱର ଉତ୍କଳ କରାଡ଼ି ସ୍କୁଲରେ ଷ୍ଟ୍ରଙ୍ଗ ମ୍ୟାନ ଓଡିଶା – ୨୦୨୨ ମଧ ପାଇଛନ୍ତି।




ଗଞ୍ଜାମ ଏସପିଙ୍କୁ ଭେଟୁଛନ୍ତି ଦେବାଶିଷ ମହାନ୍ତି ।

## ମହିଳାଙ୍କ ଏଟିଏମ୍ କାର୍ଡ ଛଡାଇ ନେଲେ ଦୁର୍ବୃତ୍ତ

ପାରଳାଖେମୁଣ୍ଡି,୩।୧୧(ଡି.ଏନ.ଏ)

କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଏଟିଏମ କାଉଣ୍ଟରରୁ ଜଣେ ମହିଳାଙ୍କଠାରୁ କାର୍ଡ ଛଡ଼ାଇ ନେଇ ଜଣେ ଦୁର୍ବୃତ୍ତ ୮ ହଜାର ଟଙ୍କା ଉଠାଇ ନେଥିବା ଅଭିଯୋଗ ହୋଇଛି। ସମୀକ୍ଷା ଗମାଙ୍ଗ ଟଙ୍କା ଉଠାଇବା ପାଇଁ ଏଟିଏମକୁ ଆସିଥିଲେ। ଦୁର୍ବୃତ୍ତ ତାଙ୍କ ପିଛା କରି ଏଟିଏମ କାର୍ଡ ଝାମ୍ପି ନେଇ ଚାଲିଯାଇଥିଲେ। କିଛି ସମୟ ପରେ ଆକାଉଣ୍ଟରୁ ୮ହଜାର ଟଙ୍କା ଉଠାଣ ହୋଇଥିବା ମୋବାଇଲ ଫୋନକୁ ମେସେଜ ଆସିଥିବା ସମୀକ୍ଷା କହିଛନ୍ତି। ଏ ନେଇ କାଶୀନଗର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବିଭିନ୍ନ କାର୍ଯ୍ୟ ସମୀକ୍ଷା

ଧରାକୋଟ,୩।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଭି. କିର୍ତ୍ତୀଭାସନ ଗୁରୁବାର ଧରାକୋଟ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବିକ୍ରମ ସୋରେନ ଓ ଦୀପ୍ତି ରେଖା ନାଥଙ୍କ ସମେତ ସମସ୍ତ ଜିଆରଏସ ଓ ଏମ୍‌ଜିଏନଆର୍‌ଇଜିଏସ୍ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଏମ୍‌ଜିଏନଆର୍‌ଇଜିଏସ୍‌ରେ ଧାର୍ଯ୍ୟ ଶ୍ରମ ଦିବସ ସୃଷ୍ଟି କରି ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତୃତୀୟ ପର୍ଯ୍ୟାୟରେ ହେବାକ ଥିବା ମୁଣ୍ଡମରାଇ ବାଳିକା ଉଚ୍ଚ ବିଦ୍ୟାଳୟ,ହରିପୁର ହାଇସ୍କୁଲ ଓ ଗମ୍ଭାରୀଗୁଡା ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ସମୀକ୍ଷା ସହ ଭିତ୍ତିଭୂମି ପରିଦର୍ଶନ କରି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଧରାକୋଟ ଥାନା ଛକ ଠାରୁ ଜାତୀୟ ରାଜପଥ ୫୯ କୁ ସଂଯୋଗ କରୁଥିବା ୧୨୦୦ ମିଟର ବ୍ଲକ ରାସ୍ତାର ପୁନଃ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି ଉପସ୍ଥାପନ କରିଥିଲେ ।

## ସ୍ୱାସ୍ଥ୍ୟସେବା ଅବହେଳାରୁ ପ୍ରସୂତି-ଶିଶୁକନ୍ୟା ମୃତ ମାମଲା

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

**■ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

କଟକ ଅଫିସ,୩।୧୧:

ସ୍ୱାସ୍ଥ୍ୟସେବାରେ ତ୍ରୁଟି ପାଇଁ ଜଣେ ଆଦିବାସୀ ମୃତ ଶିଶୁକନ୍ୟା ଜନ୍ମଦେବା ଏବଂ ପରେ ନିଜେ ମୃତ୍ୟୁବରଣ କରିବା ମାମଲାରେ ହାଇକୋର୍ଟ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଗଜପତି ଜିଲା ଲାବଣ୍ୟଗଡ଼ା ଗ୍ରାମର ସମ୍ବର ଶବରଙ୍କ ଆବେଦନକୁ ବିଚାର କରି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ୱାସ୍ଥ୍ୟସେବା ଅବହେଳାରେ ଜଡ଼ିତ ଥିବା ଡାକ୍ତର ଓ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ ପ୍ରଦତ୍ତ କ୍ଷତିପୂରଣ ରାଶିକୁ ୩ ଭାଗ କରି ପରିବାର ସଦସ୍ୟଙ୍କ ନାମରେ ସ୍ଥାୟୀ ଜମା ରଖାଯିବ। ମୃତାଙ୍କ ଶାଶୁ ଓ ଶ୍ୱଶୁରଙ୍କ ନାମରେ ୩.୫ ଲକ୍ଷ ଲେଖାଏ ଓ ସ୍ୱାମୀ ଗଣପତି ଶବରଙ୍କ ନାମରେ ୩ ଲକ୍ଷ ଏକ ବର୍ଷ ପାଇଁ ସ୍ଥାୟୀ ଜମା ରଖାଯିବ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯିବ। ପ୍ରତି ୩ ମାସରେ ସ୍ଥାୟୀ ଜମାର ସୁଧ ସେମାନଙ୍କ ସଞ୍ଚୟ ଖାତାକୁ ଆସିବ। ବର୍ଷକ ପରେ ସେମାନେ ନିଜ ଇଚ୍ଛା ଅନୁସାରେ କ୍ଷତିପୂରଣ ରାଶିକୁ ବ୍ୟବହାର କରିପାରିବେ। ଏଥିସହ ସ୍ୱାସ୍ଥ୍ୟସେବା ପ୍ରଦାନରେ ଅବହେଳା କରିଥିବା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରାଥମିକ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସେମାନେ ଉତ୍ତର ଦେବା ପରେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହି ନିର୍ଦ୍ଦେଶ ଆଗାମୀ ୬ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ଅପରପକ୍ଷରେ, ସ୍ୱାସ୍ଥ୍ୟସେବାର ଯୋଜନା ଆଦି ବାବଦରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଦରିଦ୍ର ଲୋକଙ୍କ ଚିକିତ୍ସା ନିମନ୍ତେ ଏକାଧିକ ଯୋଜନା ଥିଲେ ବି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ସମ୍ବର ଶବରଙ୍କ ବୋହୂ ମାର୍ଥା ଶବରଙ୍କ ମୃତ୍ୟୁ ହୋଇଥିଲା। ଏହିଭଳି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ମାତୃମୃତ୍ୟୁ ବଢ଼ିଚାଲିଛି। ଏହିପରି ଭାବରେ ସୁରକ୍ଷିତ ମାତୃତ୍ୱ ପାଇଁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିବା ଅଦ୍ୟାବଧି ୨୭ଟି ଭିନ୍ନ ଭିନ୍ନ ମାମଲା କୋର୍ଟରେ ପହଞ୍ଚିଛି। ଓଡ଼ିଶା ମହିଳା କମିଶନଙ୍କୁ ତଦନ୍ତ କରିବା ପାଇଁ କୋର୍ଟ ଏହାର ଦାୟିତ୍ୱ ଗୁରୁବାର ଦେଇଛନ୍ତି। ରାଜ୍ୟରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ବଢ଼ିଚାଲିବା ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରହିଥିବା ତ୍ରୁଟିକୁ ପ୍ରମାଣିତ କରୁଛି। ଏହାଦ୍ୱାରା ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ଅତ୍ୟାବଶ୍ୟକ ସମୟରେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନିଜ ଦାୟିତ୍ୱକୁ ଠିକ ଭାବେ ତୁଲାଇନାହାନ୍ତି। ସରକାର ସେମାନଙ୍କୁ ଠିକଣା ମାର୍ଗଦର୍ଶନ ପାଇଁ ଆଶା, ଏଏନ୍‌ଏମ୍ ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଉପଯୁକ୍ତ ତାଲିମ ଓ ସଚେତନ କରାଇବା ପାଇଁ କାର୍ଯ୍ୟକ୍ରମ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ପାରଳାଖେମୁଣ୍ଡି,୩।୧୧(ଡି.ଏନ୍.ଏ.)

ଗଜପତି ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୦୨୨ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ସମାଜର ପ୍ରତ୍ୟେକ ବର୍ଗ ଦୁର୍ନୀତିର ମୂଳଉତ୍ପାଟନ ପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରି ଏବେଠାରୁ ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତ ହେବାକୁ କହିଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ ଗଜପତିର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଉଥିବା ସମସ୍ତ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା ଉପରେ ଶପଥପାଠ କରାଇଥିଲେ। ସେହିପରି ଜିଲା ପରିଷଦ ଅଧ୍ୟକ୍ଷ ଗାବାରା ତ୍ରିପତି ରାଓ ସାଧୁତା ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ, ବରିଷ୍ଠ ନାଗରିକ ପୂର୍ଣ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ,ଓଡ଼ିଆ ଓ ଇଂରାଜୀ ବକ୍ତୃତା ଏବଂ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଆଲିଆ ରେଡ୍ଡୀ, ଜୟଦ୍ରର୍ଥ ଆଚାର୍ଯ୍ୟ, ଭିଜିଲାନ୍ସ ଇନ୍ସପେକ୍ଟର ବାସୁଦେବ ରାଓ, ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିନତୀ ଦେଇ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରଶ୍ମିରଞ୍ଜନ ସେଠୀ, ତ୍ରିଲୋଚନ ଷଡ଼ଙ୍ଗୀ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ନୃତ୍ୟ, ସଙ୍ଗୀତ ମହୋତ୍ସବ

ପାରଳାଖେମୁଣ୍ଡି,୩।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିର ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡିଶୀ କଳାକେନ୍ଦ୍ର ଦ୍ୱାରା ସ୍ଥାନୀୟ ଟାଉନହଲ ପରିସରରେ ଦ୍ୱିତୀୟ ଅନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ରମଲୀ ଇବ୍ରାହିମଙ୍କ ଅନୁଷ୍ଠାନ ସୂତ୍ର ଫାଉଣ୍ଡେସନର କଳାକାରମାନେ ଓଡିଶୀ, ସମ୍ବଲପୁରୀ ନୃତ୍ୟାଭିନୟ ଓ ପୁରୀର ବଟଗୋପାଳ ତ୍ରିପାଠୀଙ୍କ ସାଥିମାନେ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ । ଉଦଘାଟନୀ ସମାରୋହରେ ଅନୁଷ୍ଠାନର ଉପଦେଷ୍ଟା ଆଦର୍ଶ ଦାସ ସଭାପତିତ୍ୱ କରିଥିବା ବେଳେ ପୌରାଧକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ ପ୍ରଧାନ ମୁଖ୍ୟ ଅତିଥି, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଓ ଅନୁଷ୍ଠାନର ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦିକା ଡି. ପ୍ରିୟଙ୍କା, ଆବାହକ ଡି.ମୋହନ ରାଓ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟକ କ୍ଷେତ୍ରରେ ମନୋଜ କୁମାର ପଡୀ (ମୁନ୍ନା), କ୍ରୀଡାକ୍ଷେତ୍ରରେ କିଶୋର ଚନ୍ଦ୍ର ରଥ, ସଙ୍ଗୀତ କ୍ଷେତ୍ରରେ ନରସିଂହ ପ୍ରସାଦ ପାଢୀ, ଆଇ.ମନ୍ମଥ ରାଓ, ସାରସ୍ୱତ କ୍ଷେତ୍ରରେ ବିଷ୍ଣୁମୋହନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟଗୁରୁ ଡ.ଗଜେନ୍ଦ୍ର ପଣ୍ଡାଙ୍କୁ ଗୁରୁପୂଜନ କରାଯାଇଥିଲା । ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଅରୁପାଞ୍ଜଳି ମହାନ୍ତି ସଂଯୋଜନା କରିଥିଲେ ।



କାର୍ଯ୍ୟକ୍ରମର ଏକ ଦୃଶ୍ୟ ।

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

ଫୁଲବାଣୀ ଅଫିସ, ୩।୧୧

ଦୀର୍ଘ ଦିନରୁ ଆଶା କର୍ମୀମାନଙ୍କ ବିଭିନ୍ନ ଦାବି ସରକାର ପୂରଣ କରୁନାହାନ୍ତି। ଏହାକୁ ବିରୋଧ କରି ଗୁରୁବାର ଫୁଲବାଣୀରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାର ତୁରନ୍ତ ଦାବି ପୂରଣ କରନ୍ତୁ ବୋଲି କହିଛନ୍ତି। ମାଦିକୁଣ୍ଡା ଛକରୁ ଆଶା କର୍ମୀମାନେ ଏକାଠି ହୋଇ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ପ୍ରତିବାଦ ସଭା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନାର ସଫଳ ରୂପାୟନରେ ଆଶା କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହେଲେ ପରିଶ୍ରମ ଅନୁସାରେ କିଛି ସରକାରୀ ସୁବିଧା ମିଳୁନାହିଁ । ମାସିକ ୧୮ ହଜାର ଟଙ୍କା ଦରମା ସହ ଅତିରିକ୍ତ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଦେବାକୁ ବାରମ୍ବାର ଦାବି ହେଉଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଜିଲା ସଭାନେତ୍ରୀ ଅମ୍ବିକା ବେହେରା ପ୍ରକାଶ କରଛନ୍ତି। ଆଶା କର୍ମୀଙ୍କୁ ଇପିଏଫ, ଇଏସ୍‌ଆଇ, ପେନସନ, ଗ୍ରାଚ୍ୟୁଇଟି ଆଦି ଦେବା, କାର୍ଯ୍ୟ ସମୟରେ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କାର ସହାୟତା, ଅବସର ସମୟରେ ୨ ଲକ୍ଷ ଟଙ୍କା, ଯୋଗ୍ୟତାଧାରୀ ଆଶାଙ୍କୁ ଏଏନ୍‌ଏମ୍ ପଦବୀରେ ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ରାମସ୍ଥଳର ବ୍ୟବସ୍ଥା କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ସମ୍ପାଦିକା କନିକା ମଲ୍ଲିକଙ୍କ ନେତୃତ୍ୱରେ ବହୁ ଆଶାକର୍ମୀ ରାଲିରେ ସାମିଲ ହୋଇଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶା କର୍ମୀମାନେ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଯକ୍ଷ୍ମା ସମ୍ବନ୍ଧୀୟ ବୈଠକ। ସ୍ଥାନ-ବିଏମସି ସମ୍ମିଳନୀ କକ୍ଷ, ସମୟ-ମଧ୍ୟାହ୍ନ ୧୨ଟା ।
- ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ
- ସ୍ଥାନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷ। ସମୟ-ପୂର୍ବାହ୍ନ ୧୧ଟା ୩୦

**ଆସିକା**

- ଏକଲକ୍ଷ ତୁଳସୀ ଅର୍ଚ୍ଚନା। ସ୍ଥାନ- ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର, ସମୟ - ସକାଳ ୭ଟା
- ଭାଗବତ କଥାମୃତ ଜ୍ଞାନଯଜ୍ଞ। ସ୍ଥାନ- ଖମ୍ବେଶ୍ୱରୀ ପାଟଣା ଗୋପୀନାଥ ମନ୍ଦିର, ସମୟ - ସନ୍ଧ୍ୟା ୬ଟା।

**କ. ନୂଆଗାଁ**

- ଅଷ୍ଟପ୍ରହର ନାମଯଜ୍ଞ। ସ୍ଥାନ- ପୁରୁଣା ନୂଆଗାଁ, ସମୟ - ସକାଳ ୯ଟା।

## ସଂକ୍ଷେପରେ

### ଜୁଆ ଖେଳୁଥିବା ବେଳେ ୩ ଗିରଫ

**ବ୍ରହ୍ମପୁର ଅଫିସ,୩।୧୧:** ବ୍ରହ୍ମପୁର ଟାଉନ ଥାନା ପୋଲିସ ଟ୍ରାଫିକ ଥାନା ନିକଟସ୍ଥ ଚର୍ଚ୍ଚ ରୋଡରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୁଧବାର ରାତିରେ ଚଢାଉ କରି ୩ଜଣଙ୍କୁ କାବୁ କରିଥିଲା। ପୋଲିସକୁ ଦେଖି ଘଟଣାସ୍ଥଳରୁ କେତେଜଣ ଚମ୍ପଟ ମାରିଥିଲେ। ପୋଲିସ ଜୁଆ ଆଡ୍ଡାରୁ ୩୦୧୦ ଟଙ୍କା, ୩ ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିଲା। ଏ ନେଇ ନଂ.୩୧୮/୨୨ରେ ଏକ ମମାଲ ରୁଜୁକରି ୩ଜଣଙ୍କୁ ଗିରଫ କରାଯାଇଥିଲା। ପରେ ୪୧ ସିଆର୍‌ପିସିରେ ସେମାନଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା ବୋଲି ପୋଲିସ କହିଛି।

### ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗ
**ଅଭିଯୁକ୍ତ ଜେଲ ଗଲେ**

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.):** ପାଟପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଏତଲା କ୍ରମେ ପାଟପୁର ଥାନାରେ ମାମଲା ନଂ.୩୯୩/୨୨ ଅନୁଯାୟୀ ଅଭିଯୁକ୍ତ ସୁରଥ ନାଇକଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଆସୁଥିଲେ।

### କୋଠିଶାଳ ଯାତ୍ରା ଉଦ୍‌ଯାପନୀ ପ୍ରସ୍ତୁତି



**ବ୍ରହ୍ମପୁର ଅଫିସ,୩।୧୧:** କୋଠିଷାଳ ଯାତ୍ରା ଉଦ୍‌ଯାପନୀ ଉପଲକ୍ଷେ ପ୍ରସ୍ତୁତି ଆରମ୍ଭ ହୋଇଛି। ଯାତ୍ରାରେ ଆଦିଶକ୍ତିଙ୍କ ସ୍ୱରୁପ ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଏ। ଶୁକ୍ରବାର ମା'ଙ୍କ ଘଟ ବିସର୍ଜନ ହେବ। ଏହାପୂର୍ବରୁ ସାହି ଯୁବକ ଗୋଷ୍ଠୀ ଏକତ୍ରିତ ହୋଇ ଗୁରୁବାର ପୂଜାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଦୀପୁ ଦାସ ଓ କିରନ ଦାସଙ୍କ ସମେତ ବହୁ ଯୁବକ ସହଯୋଗ କରୁଛନ୍ତି।

### ମୋହନା ଶିଶୁ ମନ୍ଦିରରେ କଣ୍ଢେଇ ମେଳା

**ଆର.ଉଦୟଗିରି, ୩।୧୧ (ଡି.ଏନ.ଏ.):** ଗଜପତି ଜିଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ଶିଶୁ ବାଟିକା ପ୍ରମୁଖ ପ୍ରତିମା ସାହୁ ଓ ବିନତି ବାଡ଼ତ୍ୟାଙ୍କ ସଂଯୋଜନାରେ ଏହି ମେଳା ଆୟୋଜିତ ହୋଇଥିଲା। ପରିଚାଳନା ସମ୍ପାଦକ ରବି କୁମାର ପାତ୍ର, ସମିତି ଉପଦେଷ୍ଟା ବାବୁଲା ସେଠୀ, ଅବିଭାବକ ଶିବ ସେଠୀ ଓ ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢୀ ପ୍ରମୁଖ ଯୋଗଦେଇ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିଶୁ ମନ୍ଦିରର ପ୍ରାରମ୍ଭ ଓ ବୋଧ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

# ଭଞ୍ଜବିହାର ଛାତ୍ରୀନିବାସରେ ଉତ୍ତେଜନା

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
■ ହଷ୍ଟେଲ ଛାଡ଼ିବାକୁ ନାରାଜ

ବ୍ରହ୍ମପୁର ଅଫିସ,୩।୧୧

ବିଗତ କିଛି ଦିନ ଧରି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟରେ ବଢୁଥିବା ରାଗିଂ ସମସ୍ୟାକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜୁନିୟର ଓ ସିନିୟର ବର୍ଷ ଛାତ୍ରୀଛାତ୍ରଙ୍କୁ ଗୋଟିଏ ହଷ୍ଟେଲରେ ରହିବାକୁ ବାରଣ କରାଯାଇଛି। ତେବେ ଏହି ନିଷ୍ପତ୍ତିକୁ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଛାତ୍ରୀଙ୍କ ମଧ୍ୟରେ ଅଶାନ୍ତି ଦେଖିବାକୁ ମିଳିଥିବା। ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଗିଂ ସମସ୍ୟାକୁ ଦୂର କରିବା ନିମନ୍ତେ ସିନିୟର ଛାତ୍ରୀଙ୍କୁ ନୂତନ ଛାତ୍ରୀନିବାସକୁ ସ୍ଥାନାନ୍ତର ପାଇଁ କୁହାଯାଇଥିଲା। ଏହାକୁ ନେଇ ଗୁରୁବାର ହଷ୍ଟେଲର ବରିଷ୍ଠ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଛାତ୍ରୀମାନେ ପ୍ରଶାସନିକ କୋଠା ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାରତ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବହୁଦିନ ଧରି ଗୋଟିଏ ହଷ୍ଟେଲରେ ରହିଛୁ। ହଠାତ ସ୍ଥାନାନ୍ତର କରିଯିବା ଠିକ ନୁହଁ। ଅନ୍ୟପଟେ ବର୍ତ୍ତମାନ ପରୀକ୍ଷା ଚାଲିଥିବା ସମୟରେ ହଠାତ ସ୍ଥାନାନ୍ତର ହେବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ। ନୂତନ ନାମ ଲେଖାଇ ଥିବା ଛାତ୍ରୀଙ୍କୁ ସ୍ଥାନାନ୍ତର କରାଯାଉ ବୋଲି ଛାତ୍ରୀମାନେ ଦାବି କରିଥିଲେ। କୁଳପତି ଛାତ୍ରୀଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। କୁଳପତିଙ୍କ ସହ ଯୋଗାଯୋଗ ବେଳେ ରାଗିଂ ରୋକିବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏଣୁ ଏଠାରେ ମଧ୍ୟ ଶିକ୍ଷାବିଭାଗର ନିର୍ଦ୍ଦେଶ କଡ଼ାକଡ଼ି ଭାବେ ପାଳନ କରାଯିବ। ଅଶାନ୍ତ ହଷ୍ଟେଲ ଛାତ୍ରୀଙ୍କ ଦାବି ଶୁଣିବା ପରେ ସେମାନଙ୍କ ସହ ଆଲୋଚନା ହୋଇଥିଲା। ବର୍ତ୍ତମାନ ବରିଷ୍ଠ ଓ କନିଷ୍ଠ ଛାତ୍ରୀଙ୍କ ନିମନ୍ତେ ମୋଟ ୮ଟି ହଷ୍ଟେଲ ବ୍ୟବସ୍ଥା ରହିଥିଲା। ତେବେ ନୂତନ ଭାବେ ନିର୍ମିତ ହୋଇଥିବା ଚିଲିକା ହଷ୍ଟେଲରେ ପ୍ରାୟ ୩୦୦ ଶଯ୍ୟା ରହିଛି। ଏଣୁ ଏଠାରେ ସିନିୟର ଛାତ୍ରୀଙ୍କ ରହିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସରିବା ପରେ ଆସନ୍ତା ୬ ରେ ବରିଷ୍ଠ ଛାତ୍ରୀମାନେ ହଷ୍ଟେଲ ସ୍ଥାନାନ୍ତର କରିବା ନିମନ୍ତେ ରାଜି ହୋଇଛନ୍ତି।

## ପୋଖରୀ ପୁନରୁଦ୍ଧାର, ଶୌଚାଳୟ ପାଇଁ ଭିତ୍ତିପ୍ରସ୍ତର



ଅତିଥିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର।

**୨୬ ନଂ. ୱାର୍ଡ**

ବ୍ରହ୍ମପୁର ଅଫିସ,୩।୧୧

ବ୍ରହ୍ମପୁର ମହାନଗର ନିଗମ ୨୬ ନଂ. ୱାର୍ଡରେ ପୋଖରୀ ପୁନରୁଦ୍ଧାର ଓ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉକ୍ତ ୱାର୍ଡର ହରିଜନ ସାହିରେ ପୁନରୁଦ୍ଧାର ଓ ଶୌଚଳାୟ ନିର୍ମାଣ କାର୍ଯ୍ୟ କରାଯିବ। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୱାର୍ଡରେ ରାସ୍ତା, ପରିମଳ ଓ ଆଲୋକ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନିକଟରେ ଦାବି କରିଥିଲେ। ଏ ନେଇ ବିଧାୟକ ଉପସ୍ଥିତ ବିଏମ୍‌ସି ଅଧିକାରୀଙ୍କୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଧୀରେଶ ସାବତଙ୍କ ସମେତ ରବୀନ୍ଦ୍ର କୁମାର ସାହୁ, ବିନୋଦ ସାବତ, ମଧୁସୂଦନ ସାହୁ, ରାଜୁ ପାଣିଗ୍ରାହୀ ଓ ଭାଗୀରଥି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଭାଇଙ୍କୁ ହତ୍ୟା କରି ସାନ ଫେରାର

ବୁଗୁଡ଼ା,୩।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗାଁ ଖଦାଳସାହିରେ ବୁଧବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ବଡ ଭାଇ ବସନ୍ତ ନାଇକଙ୍କୁ ତାଙ୍କର ସମ୍ପର୍କୀୟ ସାନ ଭାଇ ଧିରେନ ଚାକୁରେ ଆକ୍ରମଣ କରି ଫେରାର ହୋଇଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ବସନ୍ତଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ବାପା ପଦ୍ମନାଭ ନାଇକଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୬୪୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ବୁଧବାର ରାତି ୮ଟା ବେଳେ ବସନ୍ତ ଘର ବାହାରେ ଠିଆ ହୋଇଥିବା ସମୟରେ ଧିରେନ ତାଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରି ପିଠି ଓ ପେଟକୁ ଚାକୁରେ ଭୁସିଥିଲେ। ଲୋକେ ତାଙ୍କୁ ସେଠାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଅଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବସନ୍ତଙ୍କ ମୃତ୍ୟୁ ଘଟିଥିଲା।

## ଆହାର କେନ୍ଦ୍ର ବାହାରେ ବିକ୍ରି ଖାଦ୍ୟକୁ ବିଏମ୍‌ସିର ଯାଞ୍ଚ

ବ୍ରହ୍ମପୁର ଅଫିସ,୩।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ଓ ରାସାୟନିକ ରଙ୍ଗ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ମଧ୍ୟ ଆଦାୟ କରାଯାଉଛି। ବିଏମ୍‌ସି ପକ୍ଷରୁ ଗୁରୁବାର ବ୍ରହ୍ମପୁର ବଡ ଡାକ୍ତରଖାନାଠାରେ ଥିବା ଆହାର କେନ୍ଦ୍ର ବାହାରେ ବିକ୍ରି ହେଉଥିବା ଖାଦ୍ୟଗୁଡ଼ିକୁ ଯାଞ୍ଚ କରାଯାଇଛି। ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ପକ୍ଷରୁ ଏହି ଯାଞ୍ଚ କରାଯାଇଥିଲା। ଏହି ଖାଦ୍ୟ ଦ୍ରବ୍ୟଗୁଡ଼ିକ ନିମ୍ନ ମାନର, ରାସାୟନିକ ରଙ୍ଗ ମିଶ୍ରିତ ଓ ପଲିଥିନ ମାଧ୍ୟମରେ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେବା ପରେ ବିଏମ୍‌ସି ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ସମୟରେ ୪ଟି ଖାଦ୍ୟ ବ୍ୟବସାୟୀ ନିମ୍ନ ମାନର ଖାଦ୍ୟ ବିକ୍ରି କରୁଥିବା ବିଏମ୍‌ସିର ଯାଞ୍ଚ ସମୟରେ ଜଣାପଡିଥିଲା। ଏହି ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି। ଆଗାମୀ ଦିନରେ ସହରରେ ଅନ୍ୟ ଆହାରକେନ୍ଦ୍ର ବାହାରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥଗୁଡ଼ିକୁ ଯାଞ୍ଚ କରାଯାଇ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ, ସିଟି ମିଶନ ମ୍ୟାନେଜର ଏନ୍.ଅରୁଣ କୁମାରଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୬ରୁ ରଙ୍ଗବତୀ ଉତ୍ସବ

ବ୍ରହ୍ମପୁର ଅଫିସ,୩।୧୧

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଗଞ୍ଜାମ ଜିଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ଆସନ୍ତା ୬ ଓ ୭ ତାରିଖରେ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ପଶ୍ଚିମ ଓଡିଶା ନୃତ୍ୟ ଓ ସଂଗୀତ ଉତ୍ସବ ରଙ୍ଗବତୀ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସଂଗୀତ ନାଟକ ଏକାଡେମୀର ସଦସ୍ୟ ଅନିଲ କୁମାର ପାତ୍ର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ୨ ଦିନିଆ ଉତ୍ସବ କଣ୍ଠ ସଂଗୀତରେ ବଲାଙ୍ଗୀରର ନବୀନ କୁଅଁର, ରାଉରକେଲାର ରମେଶ ସୁନା ଓ ସାଥୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନୃତ୍ୟରେ ସୁନ୍ଦରଗଡର ଉଦ୍ଧବ ଭିତିରିଆ, ସମ୍ବଲପୁରର ଜୟଶ୍ରୀ ପୁରୋହିତ ଓ ମଣ୍ଟୁ ଦୁବେ, ରତନ ପୂଜାରୀ, ବଡଗଡର ରମେଶ ବୁର୍ଲା ଓ ଦେବରାଜ ଛତ୍ରିଆ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ୭୦ରୁ ଉର୍ଦ୍ଧ୍ୱ କଳାକାର ନୃତ୍ୟ ଓ ସଂଗୀତ ପରିବେଷଣ କରିବେ ବୋଲି ଅନିଲ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ ଓ ସଂସ୍କୃତି ସଂଗଠକ ଡ.ମିହିର କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ନକଲି ଇଞ୍ଜିନ ଅଏଲ ଭର୍ତ୍ତି ବାଲ୍‌ଟି ଜବତ

**୫ ଦୋକାନୀ ଅଟକ**

ବ୍ରହ୍ମପୁର ଅଫିସ,୩।୧୧(ଡି.ଏନ.ଏ.)



ଜବତ ନକଲି ଇଞ୍ଜିନ ଅଏଲ ଭର୍ତ୍ତି ବାଲ୍‌ଟି।

ବ୍ରହ୍ମପୁର ସହରରେ ନକଲି ସାମଗ୍ରୀ ବିକ୍ରି ଘଟଣା ନୂଆ ନୁହେଁ। ନକଲି ମଦ, ଗୁଟ୍‌ଖା ଓ ଟମାଟୋ ସସ୍ ଆଦି ସାମଗ୍ରୀ ଧରାପଡ଼ିଥିବା ବେଳେ ଏବେ ଆଉ ଏକ ନକଲି ସାମଗ୍ରୀ ବିକ୍ରିକୁ ଧରିଛି ଗଞ୍ଜାମ ଥାନା ପୋଲିସ। ଏହା ହେଉଛି ଇଞ୍ଜିନ ଅଏଲ। କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଚା ପାନ ଦୋକାନ ଉପରେ ଚଢ଼ାଉ କରିଥିଲା। ନକଲି ଇଞ୍ଜିନ ଅଏଲ ଭର୍ତ୍ତି ୫୦ରୁ ଉର୍ଦ୍ଧ୍ୱ ବାଲ୍‌ଟି ଜବତ କରାଯାଇଛି। ଘଟଣାରେ ୫ଜଣ ଦୋକାନୀଙ୍କୁ ଥାନାରେ ଅଟକ ରଖି ସେମାନଙ୍କ ନାମରେ ନଂ. ୨୦୪/୨୨ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି। ଏହି ନକଲି ଜିନିଷ ବ୍ରହ୍ମପୁରରେ ହୋଇଥିବା ପୋଲିସ ସନ୍ଦେହ କରୁଛି।

## ସ୍ୱାମୀଙ୍କ ଆଗରେ ଗଲା ସ୍ତ୍ରୀ ଜୀବନ

**ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ**

ଗୋପାଳପୁର,୩।୧୧(ଡି.ଏନ.ଏ.)

ତିତିଗାଁର ରଞ୍ଜନ ପ୍ରଧାନ ସ୍ତ୍ରୀ ରିଙ୍କିଙ୍କୁ ଧରି ବାଇକ୍ (ନଂ ଓଡି୦୭ଏଏଚ-୫୮୬୪) ଯୋଗେ ଗୁରୁବାର ବ୍ରହ୍ମପୁର ଯାଉଥିବା ବେଳେ ହଳଦିଆପଦର ଓଭର ବ୍ରିଜ ନିକଟରେ ପଛରୁ ଆସୁଥିବା ଏକ ଟ୍ରକ (ନଂ ଏନ୍‌ଏଲ-୦୧ଏଲ-୫୩୯୭) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରିଙ୍କି ତଳେ ପଡିଯିବାରୁ ଟ୍ରକ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ରଞ୍ଜନ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପ୍ରାୟ ଦେଢ଼ ଘଣ୍ଟା ଧରି ଇଚ୍ଛାପୁର-ଭୁବନେଶ୍ୱର ରାସ୍ତାକୁ ଲୋକେ ଅବରୋଧ କରିଥିଲେ।

ହଳଦିଆପଦର ସମିତିସଭ୍ୟ କେ. ପ୍ରବୀଣ କୁମାର ଓ ସରପଞ୍ଚ ଦଣ୍ଡପାଣି ବେହେରାଙ୍କ ସହ ଶତାଧିକ ଲୋକ ନିର୍ମାଣାଧୀନ ଓଭର ବ୍ରିଜ କାର୍ଯ୍ୟକ୍ଷମ କରିବା ଏବଂ ଟ୍ରାଫିକ ବ୍ୟବସ୍ଥା ଦାବୀରେ ରାଜପଥ ଅବରୋଧ କରିଥିଲେ। ଏନେଇ ଗୋଳନ୍ଥରା ଥାନା ନଂ ୪୦୪/୨୨ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍ ପୋଲିସ ନିଜ ହେପାଜକୁ ନେବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ପୋଲିସ ସୂଚନା ଦେଇଛି।



ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଖାନ



@ ସୁନିଲ



@ ଆଲିଶା



@ ବୁଲୁ



@ ମୁକେଶ




@ ଦିପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଦୋକାନରେ ଭଙ୍ଗାରୁଜା ମାମଲା**

ବ୍ରହ୍ମପୁର ଅଫିସ,୩।୧୧

ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶିବାନୀ ମିଶ୍ର ଏକ ସୁନା ଦୋକାନରେ ଭଙ୍ଗାରୁଜା କରାଯାଇଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଖଳାସାହିର ପଙ୍କଜ କୁମାର ସାହୁ(୩୫)। ଅଭିଯୁକ୍ତ ଜଣଙ୍କ ପ୍ରଥମ ଥର ପାଇଁ ଏଭଳି ଭୁଲ କରିଥିବା ନେଇ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷ ସ୍ୱୀକାର କରିଥିଲେ। ଏଣୁ ମାଜିଷ୍ଟ୍ରେଟ ତାଙ୍କୁ ତାଗିଦ କରିବା ସହ ଜାମିନରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ୨୦୧୮ର ଫେବୃୟାରୀ ୧ରେ ଧର୍ମନଗରରେ ଥିବା ଅମିତ ଗର୍ଗଙ୍କ ସୁନା ଦୋକାନ ଭିତରକୁ ଜଣେ ଯୁବକ ଯାଇଥିଲେ। ସେଠାରେ ସେ ମାଲିକ ଗର୍ଗଙ୍କ ସହ କୌଣସି କଥାକୁ ନେଇ ଝଗଡ଼ା କରିଥିଲେ। ଦୋକାନରେ ଗ୍ରାହକ ଥିବାରୁ ସେ ତାଙ୍କୁ ଏପରି ପାଟିତୁଣ୍ଡ କାହିଁକି କରୁଛ ବୋଲି କହିଥିଲେ। ଏଥିରେ ଯୁବକ ଜଣଙ୍କ ମାଲିକଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲେ। ପରେ ସେ ଦୋକାନର ଗ୍ଲାସ ଓ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରେ ମାଲିକ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ପରେ ଅଭିଯୁକ୍ତ ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପଙ୍କଜ ଜାମିନରେ ଆସିଥିଲେ। ଏହି ମାମଲାର ବିଚାର ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ପଙ୍କଜଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଏପିପି ଦେବେନ୍ଦ୍ର ନାଥ ନାହାକ ମକଦ୍ଦମା ପରିଚାଳନା କରିଥିଲେ।

